kotak

Kotak Mahindra Bank

କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ

# ସର୍ବସାଧାରଣଙ୍କ ପାଇଁ ବ୍ୟାଙ୍କିଙ୍ଗ

## 01

**ମୁଁ ଗୋଟିଏ ବ୍ୟାଙ୍କ ଏକାଉଣ୍ଟ କେମିତି ଖୋଲିବି ?**



ଇୟେ ଭାରି ସହଜ । ବ୍ୟାଙ୍କ ଏକାଉଣ୍ଟଟିଏ ଖୋଲିବା ପାଇଁ ଆପଣଙ୍କୁ ଗୋଟିଏ 'ପରିଚୟ ଆଉ ଠିକଣା ପ୍ରମାଣ' ସାଙ୍ଗକୁ ଗୋଟିଏ ସଦ୍ୟ ଫୋଟୋ ଦେବାକୁ ହେବ ।

## 02

**ମୋତେ 'ପରିଚୟ ପ୍ରମାଣ' ଆଉ 'ଠିକଣା ପ୍ରମାଣ' ରୂପେ କୋଉ ଡକୁମେଣ୍ଟ ଦେବାକୁ ପଡ଼ିବ ?**



ପାସ୍‌ପୋର୍ଟ, ଡ୍ରାଇଭିଙ୍ଗ ଲାଇସେନ୍‌ସ, ଭୋଟର ପରିଚୟ ପତ୍ର, ୟୁଆଇଡିଏଆଇ ଦ୍ୱାରା ଜାରି ଆଧାର କାର୍ଡ ଏବଂ ଏନ୍‌ଆର୍‌ଇଜିଏ କାର୍ଡ ଭିତରୁ ଯେକୌଣସି ଗୋଟିଏ ଡକୁମେଣ୍ଟ 'ପରିଚୟ ପ୍ରମାଣ' ରୂପେ ଦେଇହେବ । ଦେବା ଡକୁମେଣ୍ଟରେ ଆପଣଙ୍କ ଠିକଣା ଥିଲେ, ସେଇଟି 'ପରିଚୟ ଓ ଠିକଣା ପ୍ରମାଣ', ଉଭୟର କାମ ଦେବ ।




## 03

**ଯଦି ମୁଁ ଚେନ୍ନାଇରେ ରହୁଛି ଆଉ ମୋ ଠିକଣା ପ୍ରମାଣରେ ନୂଆ ଦିଲ୍ଲୀର ଠିକଣା ଅଛି, କ'ଣ ମୁଁ ଚେନ୍ନାଇରେ ଖାତା ଖୋଲିପାରିବି ?**



ନିଶ୍ଚୟ ଖୋଲିପାରିବେ । ନୂଆ ଦିଲ୍ଲୀର ଠିକଣା ପ୍ରମାଣ ସାଙ୍ଗକୁ ଅପଣଙ୍କୁ ଚେନ୍ନାଇରେ ନିଜ ଠିକଣା ଘୋଷଣା କରିବାକୁ ହେବ, ପତ୍ରାଳାପ ନିମନ୍ତେ ।

## 04

**ବ୍ୟାଙ୍କମାନେ ପରିଚୟ ଆଉ ଠିକଣା ପ୍ରମାଣ ଦରକାର କରନ୍ତି କାହିଁକି ?**



ବ୍ୟାଙ୍କମାନଙ୍କୁ ନୋ ୟୋର୍ କଷ୍ଟମର୍ (କେୱାଇସି) ଆବଶ୍ୟକତାର ଅଂଶ ରୂପେ ଆପଣଙ୍କ ପରିଚୟ ଆଉ ଠିକଣା ପ୍ରମାଣ ଦରକାର, ଯେପରି ବ୍ୟାଙ୍କମାନେ ନିଶ୍ଚିତ କରିପାରିବେ ଯେ ସେମାନେ ତାଙ୍କ ଗ୍ରାହକଙ୍କୁ ଠିକ୍ ଭାବେ ଜାଣନ୍ତି ।

## 05

**ମୁଁ କ'ଣ କରିବି, ଯଦି ମୋ ପାଖରେ ମୋର 'ପରିଚୟ ପ୍ରମାଣ' ଦେଖାଇବାକୁ କୌଣସି ଡକୁମେଣ୍ଟ ନଥିବ ? କ'ଣ ମୁଁ ତଥାପି ବ୍ୟାଙ୍କ ଖାତାଟିଏ ଖୋଲିପାରିବି ?**



ଅବଶ୍ୟ ଆପଣ ଖୋଲିପାରିବେ । ଆପଣ ନିଜର ସଦ୍ୟ ଫୋଟୋ ଜମା କରି ଏବଂ ବ୍ୟାଙ୍କ ଅଧିକାରୀଙ୍କ ସମକ୍ଷରେ ସ୍ୱାକ୍ଷର କରି ବା ଟିପଚିହ୍ନ ଲଗାଇ 'ସ୍ମଲ୍ ଏକାଉଣ୍ଟ' ନାମକ ବ୍ୟାଙ୍କ ଖାତା ଖୋଲିପାରିବେ । ଜାଣିରଖନ୍ତୁ ଯେ ଏହି 'ସ୍ମଲ୍ ଏକାଉଣ୍ଟ' ରେ କେତେକ ସୀମିତତା ଅଛି, ଯେପରିକି କୌଣସି ସମୟରେ ସେଥିରେ ₹50,000 ରୁ ବେଶି ରାଶି ରହିବ ନାହିଁ, ଗୋଟିଏ ବର୍ଷରେ ମୋଟ କ୍ରେଡିଟ୍ ₹1,00,000 ରୁ ବେଶି ହେବ ନାହିଁ ଏବଂ ଗୋଟିଏ ମାସରେ ସର୍ବମୋଟ କଢ଼ାଣ ରାଶି ₹10,000 ରୁ ବେଶି ହେବ ନାହିଁ ।

भारतीय रिज़र्व बैंक

RESERVE BANK OF INDIA

## 06

**ମୋ ଏକାଉଣ୍ଟ ପାଇଁ କୌଣସି ସୀମିତତା ମୁଁ ଚାହେଁ ନାହିଁ । କିନ୍ତୁ ନିଜ ପରିଚୟ ପ୍ରମାଣ ଦର୍ଶାଉଥିବା କୌଣସି ଡକୁମେଣ୍ଟ ମୋର ନଥିବା ସତ୍ତ୍ୱେ ମୁଁ ଖାତାଟିଏ ଖୋଲିପାରିବି କି ?**



ହଁ, ଆପଣ ବ୍ୟାଙ୍କ ଖାତାଟିଏ ଖୋଲିପାରିବେ, ଯଦି ଆପଣ ବ୍ୟାଙ୍କ ଦ୍ୱାରା ଜଣେ 'ଲୋ ରିସ୍‌କ' ଗ୍ରାହକ ଭାବେ ମୂଲ୍ୟାଙ୍କିତ ହୋଇଥିବେ ଓ ସେଥିପାଇଁ ନିମ୍ନୋକ୍ତ ଡକୁମେଣ୍ଟ ମଧ୍ୟରୁ ଗୋଟିକର ପ୍ରତିଲିପି ପଇଠ କରିଥିବେ:

(i) ଆପଣଙ୍କ ଫୋଟୋ ଲାଗିଥିବା ଆଇଡେଣ୍ଟିଟୀ କାର୍ଡ, ଯାହାକୁ କେନ୍ଦ୍ର/ ପ୍ରଦେଶ ସରକାରଙ୍କ ବିଭାଗ, ବୈଧାନିକ/ ନିୟାମକ ଅଧିକାରୀ, ପବ୍ଲିକ୍ ସେକ୍‌ଟର୍ ଅଣ୍ଡର୍‌ଟେକିଙ୍ଗ୍‌ସ, ସ୍କେଡ୍ୟୁଲ୍‌ଡ କମର୍ସିଆଲ୍ ବ୍ୟାଙ୍କ୍‌ସ ଓ ପବ୍ଲିକ୍ ଫାଇନାନ୍‌ସିଆଲ୍ ଇନ୍‌ଷ୍ଟିଟ୍ୟୁଶନ୍‌ସ ଜାରି କରିଥିବେ;

କିମ୍ବା

(ii) ଜଣେ ଗେଜେଟେଡ୍ ଅଫିସର୍‌ଙ୍କ ଦ୍ୱାରା ଜାରି ପତ୍ର, ଯେଉଁଥିରେ ଆପଣଙ୍କ ଫୋଟୋ ଯଥାବିଧି ଆଟେଷ୍ଟ ହୋଇ ଲଗାଯାଇଥିବ ।

KMBL / Aug 2023 / V 1.0